

# ସତ୍ୟବାକ୍ୟ

# THE WORD OF TRUTH

**JANUARY & FEBRUARY - 2012**

An Oriya Bimonthly Bulletin
Published by the Church of Christ

# THE VOICE OF TRUTH

Edited & Published By
Joshua & Kabita Gootam.

## CHURCH OF CHRIST

P.O. Box.No. 80, Kakinada
A.P. - 533 001.
Ph : 0884 - 2363722.

Vol.17.Jan & Feb-2012.No-1

Published every two months in Oriya language for the Restoration of pure New Testament Christianity

Write for free Bible Correspondence course
in
Telugu & Oriya to:

**The Director**
Bible Correspondence Course
P.O.Box.80, KAKINADA - 533 001.

# ସତ୍ୟବାଣୀ

# VOICE OF TRUTH

**VOL - XVII KAKINADA JAN-FEB-2012**

## ଧନ, ପ୍ରେମ ନ କର

### (Money, Don't Love)

ଧନ, ପ୍ରତ୍ୟେକ ମନୁଷ୍ୟ ଆପେକ୍ଷ କରନ୍ତି । 'ଧନ' ବିଷୟରେ ଧର୍ମଶାସ୍ତ୍ରରେ କଅଣ କୁହାଯାଏ ?

**ପୃଥିବୀରେ ଆପଣା ଆପଣା ନିମନ୍ତେ ଧନ ସଞ୍ଚୟ କର ନାହିଁ :-**

ଆପଣା ଆପଣା ନିମନ୍ତେ ଧନ ସଞ୍ଚୟ କରିବା ମନୁଷ୍ୟ ନିମନ୍ତେ କେତେ ଆନନ୍ଦମୟ ବିଷୟ ! କିନ୍ତୁ ଯୀଶୁ କହନ୍ତି, "ଯେଉଁଠାରେ କୀଟ ଓ କଳଙ୍କ କ୍ଷୟ କରେ, ପୁଣି ଚୋରମାନେ ସିନ୍ଧି କାଟି ଚୋରି କରନ୍ତି । ଏପରି ପୃଥିବୀରେ ଆପଣା ଆପଣା ନିମନ୍ତେ ଧନ ସଞ୍ଚୟ କର ନାହିଁ । ମାତ୍ର ଯେଉଁଠାରେ କୀଟ ଓ କଳଙ୍କ କ୍ଷୟ ନ କରେ ଏବଂ ଚୋରମାନେ ସିନ୍ଧିକାଟି ଚୋରି ନ କରନ୍ତି, ଏପରି ସ୍ୱର୍ଗରେ ଆପଣା ଆପଣା ନିମନ୍ତେ ଧନ ସଞ୍ଚୟ କର । କାରଣ ଯେଉଁଠାରେ ତୁମ୍ଭର ଧନ, ସେହିଠାରେ ମଧ୍ୟ ତୁମ୍ଭର ମନ ।" (ମାଥିଉ ୬:୧୯-୨୧) ।

**ଖାଇବା, ପିଇବା ଓ ପିନ୍ଧିବା ବିଷୟରେ ଚିନ୍ତିତ ହୁଅ ନାହିଁ :-**

ପ୍ରତ୍ୟେକ ବ୍ୟକ୍ତି କଅଣ ଖାଇବା, କଅଣ ପିଇବା ଓ କଅଣ ପିନ୍ଧିବା ବୋଲି ଚିନ୍ତିତ ଅଟନ୍ତି ? କିନ୍ତୁ ଯୀଶୁ କହନ୍ତି, "...କଅଣ ଖାଇବ ବା କଅଣ ପିଇବ, ଏପରି ଭାଳି ତୁମ୍ଭମାନଙ୍କ ଜୀବନ ନିମନ୍ତେ, କିଅବା କଅଣ ପିନ୍ଧିବ ଏପରି ଭାଳି ତୁମ୍ଭମାନଙ୍କ ଶରୀର ନିମନ୍ତେ ମଧ୍ୟ ଚିନ୍ତା କର ନାହିଁ । ଭାଗ୍ୟ ଅପେକ୍ଷା ଜୀବନ ଓ ବସ୍ତ୍ର ଅପେକ୍ଷା ଶରୀର କି ଶ୍ରେଷ୍ଠ ନୁହେଁ ?" (ମାଥିଉ ୬:୨୫) ।

**ପ୍ରଥମରେ ତାହାଙ୍କ ରାଜ୍ୟ ଓ ଧାର୍ମିକତା ଅନ୍ୱେଷଣ କର :-**

ଆପଣାର ସମସ୍ତ କାର୍ଯ୍ୟଠାରୁ ପରମେଶ୍ୱରଙ୍କ କାର୍ଯ୍ୟକୁ ମହତ୍ୱ ଦେବା ଓ ତାହାଙ୍କ ନିମନ୍ତେ ଜୀବନ ଯାପନ କରିବା ପ୍ରତ୍ୟେକ ମନୁଷ୍ୟ ନିମନ୍ତେ ସେ ମଙ୍ଗଳ ସାଧନ

କରନ୍ତି । ଯୀଶୁ କହିଲେ, "କିନ୍ତୁ ତୁମ୍ଭେମାନେ ପ୍ରଥମରେ ତାହାଙ୍କ ରାଜ୍ୟ ଓ ଧାର୍ମିକତା ଅନ୍ୱେଷଣ କର, ଆଉ ଏହି ସମସ୍ତ ବିଷୟ ମଧ୍ୟ ତୁମ୍ଭମାନଙ୍କୁ ଦିଆଯିବ ।" (ମାଥିଉ ୬:୩୩) । ଏହି ପଦ ପୁନର୍ବାର ଆମ୍ଭେମାନେ ଲୂକ ୧୨:୩୧ ପଦରେ ପଢ଼ିପାରୁ । ଆମ୍ଭେମାନେ ସର୍ବପ୍ରଥମେ ତାହାଙ୍କ ରାଜ୍ୟ ଓ ଧାର୍ମିକତା ଅନ୍ୱେଷଣ କରୁଅଛୁ କି ନାହିଁ, ଆପଣା ଆପଣାକୁ ପରୀକ୍ଷା କରୁ ।

**ଲୋଭତ୍ୱରୁ ଦୂରରେ ରୁହ :-**

ଲୋଭତ୍ୱ ବିପଦପୂର୍ଣ୍ଣ । ଆମ୍ଭେମାନେ ଅଜାଗ୍ରତରେ ରହିଲେ, ଆମ୍ଭମାନଙ୍କ ଜୀବନରେ ପ୍ରବେଶ କରି, ଆମ୍ଭମାନଙ୍କ ଜୀବନ ନଷ୍ଟ କରି ଦେବ । ତେଣୁ ଯୀଶୁ କହିଲେ, "...ସାବଧାନ, ସମସ୍ତ ପ୍ରକାର ଲୋଭରୁ ଆପଣା ଆପଣାକୁ ଦୂରରେ ରଖ, କାରଣ ଜଣେ ଲୋଭର ଜୀବନ ତାହାର ପ୍ରାଚୁର୍ଯ୍ୟ ଉପରେ ନିର୍ଭର କରେ ନାହିଁ ।" (ଲୂକ ୧୨:୧୫) ।

**ଧନ ବ୍ୟବହାର କରି ସ୍ୱର୍ଗରେ ବନ୍ଧୁ ଲାଭ କର :-**

ଯୀଶୁ ଏକ ଅବିଶ୍ୱସ୍ତ ବେବର୍ତ୍ତାର କାହାଣୀ ଆପଣା ଶିଷ୍ୟମାନଙ୍କୁ ଶୁଣାଇଥିଲେ । ଆପଣା ବେବର୍ତ୍ତା ପଦ ଚ୍ୟୁତ ହେବାର ଜାଣି, "ସେ ମନେ ମନେ କହିଲେ, କଅଣ କରିବି ? ମୋହର ପ୍ରଭୁ ତ ମୋଠାରୁ ବେବର୍ତ୍ତା ପଦ ଛଡ଼ାନ୍ନେଉ ଅଛନ୍ତି । ମାଟି ହାଣିବାକୁ ମୋହର ବଳ ନାହିଁ, ଭିକ ମାଗିବାକୁ ମୋତେ ଲାଜ ଲାଗୁଅଛି । ମୁଁ ବେବର୍ତ୍ତା ପଦରୁ ଚ୍ୟୁତ ହେଲା ଉତ୍ତାରେ ଲୋକେ ଯେପରି ମୋତେ ଆପଣା ଆପଣା ଗୃହରେ ଗ୍ରହଣ କରନ୍ତି । ଏଥିପାଇଁ କଅଣ କରିବି, ତାହା ବୁଝିଲିଣି । ...ସେହି ଅବିଶ୍ୱସ୍ତ ବେବର୍ତ୍ତା ବୁଦ୍ଧି ସହିତ କାର୍ଯ୍ୟ କରିଥିବାରୁ ପ୍ରଭୁ ତାହାର ପ୍ରଶଂସା କଲେ, ଯେଣୁ ଯୁଗର ସନ୍ତାନମାନେ ସେମାନଙ୍କ ସ୍ୱଜାତି ପକ୍ଷରେ ଆଲୋକର ସନ୍ତାନମାନଙ୍କ ଅପେକ୍ଷା ଅଧିକ ବୁଦ୍ଧିମାନ । ମୁଁ ମଧ୍ୟ ତୁମ୍ଭମାନଙ୍କୁ କହୁଅଛି, ଅଧର୍ମ ଧନରେ ଆପଣା ଆପଣା ନିମନ୍ତେ ବନ୍ଧୁ ଲାଭ କର. ଯେପରି ଶେଷ ହେଲେ ସେମାନେ ତୁମ୍ଭମାନଙ୍କ ନିତ୍ୟସ୍ଥାୟୀ ବାସସ୍ଥାନରେ ଗ୍ରହଣ କରିବେ ।" (ଲୂକ ୧୬:୯) ।

**ସ୍ୱର୍ଗୀୟ ଖାଦ୍ୟ ନିମନ୍ତେ ଶ୍ରମ କର :-**

ଯୀଶୁଖ୍ରୀଷ୍ଟ, ପାଞ୍ଚ ହଜାର ପୁରୁଷ ଓ ଅସଂଖ୍ୟା ସ୍ତ୍ରୀ ଓ ବାଳକ ବାଳିକାମାନଙ୍କୁ, ପାଞ୍ଚ ରୋଟୀ ଓ ଦୁଇ ମାଛ ଦ୍ୱାରା ଖାଦ୍ୟ ପରିବେଷଣ କଲାପରେ, ଜନତା ପ୍ରଭାବିତ ହୋଇ ତାହାଙ୍କୁ ରାଜା ଅଭିଷେକ କରିବା ନିମନ୍ତେ ତାହାଙ୍କ ନିକଟବର୍ତ୍ତୀ ହେଲେ, କିନ୍ତୁ ଯୀଶୁ, ସେହି ପଦବୀରେ ଆଗ୍ରହୀ ନହୋଇ କହିଲେ, "କ୍ଷୟୀ ଭକ୍ଷ୍ୟ ନିମନ୍ତେ ଶ୍ରମ ନକରି

କର ଯେଉଁ ଅନନ୍ତ ଜୀବନ ଭକ୍ଷ୍ୟ ଅକ୍ଷୟ ରହେ । ସେଥିନିମନ୍ତେ ଶ୍ରମ ଜୀବନ କର, ସେହି ଭକ୍ଷ୍ୟ ମନୁଷ୍ୟପୁତ୍ର ତୁମ୍ଭମାନଙ୍କୁ ଦେବେ । କାରଣ ତାହାଙ୍କୁ ପିତା ଅର୍ଥାତ୍ ଈଶ୍ୱର ମୁଦ୍ରାଙ୍କିତ କଲେ ।" (ଯୋହନ ୬:୨୭) ।

**ଋଣ ପରିଶୋଧ କର :-**

ଋଣ ପରିଶୋଧ କରିବା ସାଧୁତାର ଲକ୍ଷଣ । ପ୍ରେରିତ ପାଉଲ କହନ୍ତି, "ପରସ୍ପରକୁ ପ୍ରେମ କରିବା ବିନା ଆଉ କାହିଁରେ କାହାରି ଠାରେ ଋଣୀ ହୁଅ ନାହିଁ, କାରଣ ଯେ ପରକୁ ପ୍ରେମ କରେ, ସେ ବ୍ୟବସ୍ଥା ସଫଳ କରିଅଛି ।" (ରୋମୀୟ ୧୩:୮) ।

**ସପ୍ତାହର ପ୍ରଥମ ଦିନରେ ଚାନ୍ଦା ସଂଗ୍ରହ କର :-**

ମଣ୍ଡଳୀର ଅଭିବୃଦ୍ଧି ନିମନ୍ତେ, ଦରିଦ୍ରମାନଙ୍କୁ ସାହାଯ୍ୟ କରିବା ନିମନ୍ତେ ପ୍ରେରିତ ପାଉଲ ଚାନ୍ଦା ସଂଗ୍ରହ କରିବା ନିମନ୍ତେ ମଣ୍ଡଳୀମାନଙ୍କୁ ଆଜ୍ଞା ଦେଇଥିଲେ । "ସାଧୁମାନଙ୍କ ନିମନ୍ତେ ଦାନ ସଂଗ୍ରହ ସମ୍ବନ୍ଧରେ ଯେପରି ମୁଁ ଗାଲାତିଆର ମଣ୍ଡଳୀ ସମୂହକୁ ଆଦେଶ ଦେଇଅଛି, ତୁମ୍ଭେମାନେ ମଧ୍ୟ ସେହିପରି କର । ମୁଁ ଗଲେ ଯେପରି ଦାନ ସଂଗ୍ରହ କରିବାକୁ ପଡ଼ିବ ନାହିଁ । ଏଥିନିମନ୍ତେ ସପ୍ତାହର ପ୍ରଥମ ଦିନରେ ତୁମ୍ଭମାନେ ପ୍ରତ୍ୟେକ ଜଣ ଆପଣା ଆପଣା ସୁବିଧା ଅନୁସାରେ ନିଜ ନିଜ ନିକଟରେ କିଛି କିଛି ସଞ୍ଚୟ କରି ରଖ ।" (୧ମ କରିନ୍ଥୀ ୧୬:୧-୨) ।

**ଅନ୍ୟର ମଙ୍ଗଳ ଚେଷ୍ଟା କରୁ :-**

ପ୍ରତ୍ୟେକ ମନୁଷ୍ୟ ଆପଣା କାର୍ଯ୍ୟରେ ବ୍ୟସ୍ତ । କିନ୍ତୁ ପ୍ରେରିତ ପାଉଲ କହନ୍ତି, "ପ୍ରତି ଜଣ କେବଳ ଆପଣା ବିଷୟରେ ମନୋଯୋଗୀ ନହୋଇ ଅନ୍ୟ ବିଷୟରେ ମଧ୍ୟ ମନୋଯୋଗୀ ହୁଅ ।" (ଫିଲିପି ୨:୪) ।

**ଧନ ସମ୍ପଦ ଉପରେ ନିର୍ଭର ନକର :-**

ଧନୀ ଲୋକେ, ଦରିଦ୍ରମାନ ଠାରୁ ଉତ୍ତମ ସ୍ଥିତିରେ ଅଛନ୍ତି ବୋଲି ମନେ କରନ୍ତି । କିନ୍ତୁ ପ୍ରେିତ ପାଉଲ କହନ୍ତି, "ଯେଉଁମାନେ ଇହକାଳରେ ଧନୀ, ସେମାନେ ଯେପରି ଅହଙ୍କାରୀ ନହୁଅ ଏବଂ ଅସ୍ଥାୟୀ ଧନ ଉପରେ ନିର୍ଭର ନକରନ୍ତି, ବରଂ ଭୋଗ ନିମନ୍ତେ ସକଳ ବିଷୟେ ପ୍ରଚୁର ରୂପେ ଆମ୍ଭମାନଙ୍କୁ ଦାନ କରନ୍ତି ଯେଉଁ ଈଶ୍ୱର ତାହାଙ୍କ ଉପରେ ନିର୍ଭର କରନ୍ତି, ପୁଣି ପରୋପକାର କରି ସମସ୍ତ ସତ୍କର୍ମରେ ଧନୀ ହୁଅନ୍ତି, ଆଉ ମୁକ୍ତହସ୍ତରେ ଓ ଉଦାର ଭାବରେ ଦାନ କରନ୍ତି, ଏଥିନିମନ୍ତେ ସେମାନଙ୍କୁ ଆଜ୍ଞା ଦିଅ ।" (୧ମ ତୀମଥି ୬:୧୭-୧୮) ।

**ଭାବୀ ଜୀବନ ନିମନ୍ତେ ସଞ୍ଚୟ ନକର :-**

ମନୁଷ୍ୟମାନେ ଇହଜୀବନ ପରବର୍ତ୍ତୀ ପରଲୋକ ଜୀବନ ନିମନ୍ତେ ଆପଣା ଆପଣା ନିମନ୍ତେ ସଞ୍ଚୟ କରିବା ଆବଶ୍ୟକ । ପରୋପକାରରୂପ ଧନ ଆମ୍ଭେମାନେ ପରଲୋକ ନିମନ୍ତେ ସଞ୍ଚୟ କରୁ । "ଏହି ପ୍ରକାର କଲେ ସେମାନେ ଭାବୀ ଜୀବନ ନିମନ୍ତେ ଉତ୍କୃଷ୍ଟ ମୂଲ୍ୟଧନ ଆପଣା ଆପଣା ପାଇଁ ସଞ୍ଚୟ କରିବେ, ଯେପରି ପ୍ରକୃତ ଜୀବନ ପ୍ରାପ୍ତ ହୁଅନ୍ତି ।" (୧ମ ତୀମଥି ୬:୧୮-୧୯) ।

**ଧନକୁ ପ୍ରେମ ନକର :-**

ଏବ୍ରୀ ପୁସ୍ତକ କର୍ତ୍ତା ଲେଖନ୍ତି, "ଆଚାର ବ୍ୟବହାରରେ ଧନ ଲୋଭଶୂନ୍ୟ ହୁଅ, ତୁମ୍ଭମାନଙ୍କର ଯାହା କିଛି ଅଛି, ସେଥିରେ ସନ୍ତୁଷ୍ଟ ଥାଅ, କାରଣ ସେ ନିଜେ କହିଅଛନ୍ତି, ଆମ୍ଭେ ତୁମ୍ଭକୁ କେବେ ହେଁ ଛାଡ଼ିବ ନାହିଁ, ଆମ୍ଭେ କେବେ ହେଁ ପରିତ୍ୟାଗ କରିବା ନାହିଁ ।" (ଏବ୍ରୀ ୧୩:୫) ।

**ଧନୀମାନେ, କ୍ରନ୍ଦନ ଓ ହାହାକାର କର :-**

ଧନ ସମ୍ପଦ ସଦାପ୍ରଭୁଙ୍କ ଦତ୍ତ ଆଶୀର୍ବାଦ, ତଥାପି ଆମ୍ଭମାନଙ୍କ ଠାରେ ଥିବା ଧନ ସମ୍ପଦ ବିଷୟରେ ଆମ୍ଭମାନଙ୍କୁ ସଦାପ୍ରଭୁଙ୍କୁ ହିସାବ ଦେବାକୁକୁ ପଡ଼ିବ । ଯାକୁବ କହନ୍ତି "ଏବେ ଦେଖ, ହେ ଧନୀମାନେ, ତୁମ୍ଭମାନଙ୍କର ଆସନ୍ନ ଦୁର୍ଦ୍ଦଶାର ନିମନ୍ତେ କ୍ରନ୍ଦନ ଓ ହାହାକାର କର ବ ତୁମ୍ଭମାନଙ୍କର ସମ୍ପତ୍ତି କ୍ଷୟ ପାଇଲାଣି, ତୁମ୍ଭମାନଙ୍କର ବସ୍ତ୍ର ପୋକ ଖାଇଲାଣି । ପୁଣି ତୁମ୍ଭମାନଙ୍କର ସୁନା ଓ ରୂପାର କଳଙ୍କ ଲାଗିଲାଣି, ସେଥିରେ କଳଙ୍କ ତୁମ୍ଭମାନଙ୍କ ବିରୁଦ୍ଧରେ ସାକ୍ଷ୍ୟ ଦେବ ଓ ଅଗ୍ନିପରି ତୁମ୍ଭମାନଙ୍କ ମାଂସ ଗ୍ରାସ କରିବ । ଏହି ଶେଷକାଳରେ ତୁମ୍ଭେମାନେ ଧନ ସଞ୍ଚୟ କରିଅଛ ।" (ଯାକୁବ ୫:୧-୩) । କେବଳ ଆପଣା ସ୍ୱାର୍ଥ ନିମନ୍ତେ ଆପଣା ସମ୍ପତ୍ତି ବ୍ୟୟ କରିବା ଲୋକେ କ୍ରନ୍ଦନ ଓ ହାହାକାର କରିବେ, କିନ୍ତୁ ଯେଉଁମାନେ ସଦାପ୍ରଭୁଙ୍କ ଗୌରବ ନିମନ୍ତେ ଆପଣା ଧନସମ୍ପଦବ୍ୟୟ କରିବେ, ସେମାନେ ଆଶୀର୍ବାଦ ପ୍ରାପ୍ତ ହେବେ ।

***–Richard Walker***

❋❋❋

# ସମର୍ଥ ପରମେଶ୍ୱର
## (God is able )

"...ଈଶ୍ୱର ଆମ୍ଭମାନଙ୍କ ଅନ୍ତରରେ କାର୍ଯ୍ୟ ସାଧନ କରିଥିବା ଆପଣା ଶକ୍ତି ଅନୁସାରେ ଆମ୍ଭମାନଙ୍କ ମାଗିବା ବା ଭାବିବା ଠାରୁ ଅତ୍ୟଧିକ ପରିମାଣରେ ସାଧନ କରି ପାରନ୍ତି...।" (ଏଫିସୀ ୩:୨୦) । ଆମ୍ଭେମାନେ ମାଗିବା ଠାରୁ ଓ ଭାବିବା ଠାରୁ ଅତ୍ୟାଧିକ ଭାବେ ଆମ୍ଭମାନଙ୍କ ପରମେଶ୍ୱର ସମର୍ଥ ଅଟନ୍ତି, Able ବା ସମର୍ଥତା ଗ୍ରୀକ୍ ପଦ 'Dunamai' ରୁ ଆଗତ ଇଂରାଜୀର Dynamite ଅର୍ଥାତ୍ 'ଶକ୍ତି' ମଧ୍ୟ ଏହି ପଦରୁ ଗତ । ସଦାପ୍ରଭୁ ଶକ୍ତିମାନ ଓ ସାମର୍ଥ ପରମେଶ୍ୱର ଅଟନ୍ତି ଓ ତେବେ ପ୍ରଶ୍ନ ସେ କେତେ ଶକ୍ତିମାନ ଅଟନ୍ତି ? ସାମନ୍ୟ ମନୁଷ୍ୟ ଠାରୁ ପରମେଶ୍ୱର ଶକ୍ତିମାନ ଅଟନ୍ତି ବୋଲି ଅନେକଙ୍କ ମନୋଭାବ । ସେମାନଙ୍କ ଦ୍ୱାରା ପରମେଶ୍ୱର 'Superman' ରୂପେ ପରିଗଣିତ ହୁଅନ୍ତି ।

ପରମେଶ୍ୱର କି କେବଳ ଏକ 'Superman' ଅଟନ୍ତି ? ଯିଶାଇୟ ୪୦:୧୮ ଲେଖାଯାଏ, "ତେବେ ତୁମ୍ଭେମାନେ କାହା ସଙ୍ଗେ ପରମେଶ୍ୱରଙ୍କୁ ତୁଳନା ? ଅବା କେଉଁ ମୂର୍ତ୍ତିକି ତାହାଙ୍କ ସଦୃଶ୍ୟ କରିବା ?" (ଯିଶାଇୟ ୪୦:୨୫) । ଆମ୍ଭେମାନେ ପରମେଶ୍ୱରଙ୍କୁ କାହା ସହିତ ଓ କିପରି ଭାବେ ତୁଳନା କରି ପାରିବା ? ତାହାଙ୍କ ନାମରେ ଥିବା ଶକ୍ତି ତାହାଙ୍କ ସାମର୍ଥତା ପ୍ରକଟ କରେ । ଆଦି ୧୪:୧୮ ପଦରେ ମଲକୀଷେଦକଙ୍କୁ 'ସର୍ବୋପରିସ୍ଥ ପରମେଶ୍ୱରଙ୍କ' ଯାଜକ ବୋଲି ପରିଚିତ କରାଯାଏ । 'ସର୍ବୋପରିସ୍ଥ' ପଦ, "Elyone" ବୋଲି ଏବ୍ରୀ ପଦରୁ ଆନୀତ, ଯାହାର ଅର୍ଥ ଶକ୍ତିମାନ ପରମେଶ୍ୱର । ପରମେଶ୍ୱର ସର୍ବାଧିକାରୀ ଅଟନ୍ତି । ଆଦି ୨୧:୩୩ ପଦରେ ତାହାଙ୍କୁ 'ଅନାଦି ଅନନ୍ତ' ପରମେଶ୍ୱର ବୋଲି ବର୍ଣ୍ଣିତ କରାଯାଏ । ଅର୍ଥାତ୍ ସେ ସମୟ ଦ୍ୱାରା ପରମିତ ନୁହନ୍ତି ବ ସେ ଆଦି ଓ ଅନ୍ତ ଅଟନ୍ତି ବ ତାହାଙ୍କ ପ୍ରେମ, କୃପା, ଗୌରବ ଓ ଧାର୍ମିକତା ଅନନ୍ତକାଳ ସ୍ଥାୟୀ ଅଟେ । ତାହାଙ୍କ ପ୍ରେମ ବୋଧର ଅଗମ୍ୟ (ଏଫିସୀ ୩:୧୯) । ଆଦି ୧୭:୧ ପଦରେ ତାହାଙ୍କୁ "El Shaddai" ଅର୍ଥାତ୍ ସର୍ବଶକ୍ତିମାନ ବୋଲି କୁହାଯାଏ । ଏକ ଅନ୍ୱେଶତ ବର୍ଷ ବୟସର ବୃଦ୍ଧି ସର୍ବଶକ୍ତିମାନଙ୍କ ସାହାଯତାରେ ଏକ ସନ୍ତାନ ଜନ୍ମ ଦେବେ ବୋଲି ପରମେସ୍ୱର ତାହାଙ୍କୁ ଜ୍ଞାତ କରିଥିଲେ । ଅଣାଅଶୀ ବର୍ଷୀୟ ବୃଦ୍ଧା ସାରା, ପୁତ୍ର ପ୍ରସବ ବିଷୟ ଶୁଣି ମନେ ମନେ ହସିଲେ । କିନ୍ତୁ ସଦାପ୍ରଭୁ ତାହାଙ୍କୁ କହଥିଲେ, "ସଦାପ୍ରଭୁଙ୍କର ଆଶ୍ଚର୍ଯ କେଉଁ କାର୍ଯ୍ୟ... ?" (ଆଦି ୧୮:୧୪) ନିଶ୍ଚିତଭାବେ

ପରମେଶ୍ୱରଙ୍କ ସମତୁଲ୍ୟ କେହି ନୁହେଁ । ତାହାଙ୍କ ନାମରେ ଶକ୍ତି ପ୍ରକଟିତ ହୁଅ ।

ଆମ୍ଭମାନଙ୍କ ପରମେଶ୍ୱର ସୃଷ୍ଟିକର୍ତ୍ତା ଅଟନ୍ତି । "ଆକାଶ ମଣ୍ଡଳ ପରମେଶ୍ୱରଙ୍କ ଗୌରବ ବର୍ଣ୍ଣନା କରେ, ଶୂନ୍ୟ ମଣ୍ଡଳ ତାହାଙ୍କ ହସ୍ତକୃତ କର୍ମ ପ୍ରକାଶ କରେ ।" (ଗୀତ ୧୯:୧) । ପ୍ରତ୍ୟକ୍ଷ ବିଷୟରୁ ଦୃଶ୍ୟ ବିଷୟ ଉତ୍ପନ୍ନ ହୋଇନାହିଁ ବୋଲି ଏବ୍ରୀ ପୁସ୍ତକ କର୍ତ୍ତା ଆମ୍ଭମାନଙ୍କୁ ଏବ୍ରୀ ୧୧:୩ ପଦରେ ଜଣାନ୍ତି । ଅଦୃଶ୍ୟ ଦୃଶ୍ୟ ବିଷୟ ନିର୍ମାଣ କରିବା ମନୁଷ୍ୟର ସମର୍ଥରୁ ବାହାରେ । ମନୁଷ୍ୟ ଦୃଶ୍ୟ ବିଷୟରୁ ଅନ୍ୟ ଦୃଶ୍ୟ ବିଷୟ ସୃଷ୍ଟି କରିବାରେ । କିନ୍ତୁ ଅଦୃଶ୍ୟ ବିଷୟରୁ ସୃଷ୍ଟି କରିବା କେବଳ ପରମେଶ୍ୱରଙ୍କ ସାଧ୍ୟ ।

"ସଦାପ୍ରଭୁଙ୍କ ଶକ୍ତି" ସଦାପ୍ରଭୁଙ୍କ ବାକ୍ୟ ଦ୍ୱାରା ପ୍ରକଟିତ ହୁଏ । ତାହାଙ୍କ ବାକ୍‌ଶକ୍ତି ଦ୍ୱାରା ସେ "ଦୀପ୍ତି"କୁ ସୃଷ୍ଟି କରିଥିଲେ । "ଅନନ୍ତର ପରମେଶ୍ୱର କହିଲେ, ଦୀପ୍ତି ହେଉ ଓ ଦୀପ୍ତି ହେଲା ।" (ଆଦି ୧:୩) । ଯୀଶୁଖ୍ରୀଷ୍ଟ ଏହି ଜଗତରେ ଥିବା ସମୟରେ ତାହାଙ୍କ ବାକ୍ୟ ଦ୍ୱାରା ମୃତ ଲାଜର ଜୀବନ ପ୍ରାପ୍ତ ହେଲେ ଓ ସମୁଦ୍ରର ତୁଫାନରେ ଶିଷ୍ୟମାନେ ବୁଡ଼ି ଯିବାର ଭୟଭୀତ ହେବା ସମୟରେ, ଯୀଶୁଖ୍ରୀଷ୍ଟଙ୍କ ଧମକରେ ସମୁଦ୍ର ଶାନ୍ତ ହେଲା । ସମୁଦ୍ର ଓ ପବନ ତାହାଙ୍କ ସ୍ୱରର ଆଜ୍ଞାବହ ହୋଇଥିଲେ । "ଆମ୍ଭ ମୁଖ ନିର୍ଗତ ବାକ୍ୟ ସେପରି ହେବ । ତାହା ନିଷ୍ଫଳ ହୋଇ ଆମ୍ଭ ନିକଟକୁ ଫେରି ଆସିବ ନାହିଁ, ମାତ୍ର ଆମ୍ଭେ ଯାହା ଇଚ୍ଛା କରୁ, ତାହା ସିଦ୍ଧ କରିବ ଓ ଯେଉଁ ପାଇଁ ଆମ୍ଭେ ପ୍ରେରଣ କରୁ, ତହିଁରେ କୃତାର୍ଥ ହେବ ।" (ଯିଶାଇୟ ୫୫:୧୧) । ମନୁଷ୍ୟର ଏପରି ଶକ୍ତି ନାହିଁ ।

ମନୁଷ୍ୟର ଶକ୍ତିର ତୁଳନାରେ ଈଶ୍ୱରଙ୍କ ଶକ୍ତି ଅସୀମ । ପ୍ରେରିତ ପାଉଲ ଏଫିସୀ ମଣ୍ଡଳୀର ଖ୍ରୀଷ୍ଟିୟାନମାନଙ୍କୁ ମନୁଷ୍ୟର ସମକ୍ଷତା ବିଷୟରେ ବାକ୍ୟରେ ବର୍ଣ୍ଣନା କରି ଅଛନ୍ତି ।

ଆମ୍ଭମାନଙ୍କ ସମକ୍ଷତା ସଦାପ୍ରଭୁଙ୍କ ଠାରୁ ଆସେ । "...ପ୍ରତ୍ୟାଦେଶ ଦ୍ୱାରା ସେହି ନିଗୂଢ଼ତତ୍ତ୍ୱ ମୋତେ ଜ୍ଞାତ କରାଗଲା,...ତାହା ପଢ଼ି ଖ୍ରୀଷ୍ଟଙ୍କ ନିଗୂଢ଼ତତ୍ତ୍ୱରେ ମୋର ପରିଚୟ ପାଇ ପାର..।" (ଏଫିସୀ ୩:୪) । ଖ୍ରୀଷ୍ଟଙ୍କ ନିଗୂଢ଼ ତତ୍ତ୍ୱର ଜ୍ଞାନ ଆତ୍ମା ଆମ୍ଭମାନଙ୍କୁ ପ୍ରକାଶିତ କରି ଅଛନ୍ତି । ଈଶ୍ୱରଙ୍କ ଦତ୍ତ ସମସ୍ତ ସଜ୍ଜାରେ ଆପଣା ଆପଣାକୁ ସୁସଜ୍ଜିତ କଲେ, ଆମ୍ଭେମାନେ ଶୟତାନର ସମସ୍ତ ଚତୁରୀ ବିରୁଦ୍ଧରେ ଦଣ୍ଡାୟମାନ ହେବାକୁ ସକ୍ଷମ ହୋଇ ପାରିବୁ । (ଏଫିସୀ ୬:୧୧) । ତୃତୀୟରେ ଦୁର୍ଦ୍ଦିନରେ ପ୍ରତିରୋଧ କରି ସର୍ବଜୟୀ ହୋଇ ଅଟଳ ହୋଇ ରହିବାରୁ, ଈଶ୍ୱରଙ୍କ ଦତ୍ତ ସମସ୍ତ ସଜ୍ଜାରେ ଆପଣା ଆପଣାକୁ ସୁସଜ୍ଜିତ କରୁ । ଚତୁର୍ଥରେ ଏଫିସୀ ୬:୧୬ ପଦରେ ପ୍ରେରିତ ପାଉଲ କହନ୍ତି, "...ଯଦ୍ୱାରା ପାପାତ୍ମାର ଅଗ୍ନିବାଣ ସବୁ ନିର୍ବାଣ କରିବାକୁ ସମର୍ଥ ହୁଅ, ସେହି ବିଶ୍ୱାସରୂପ

ଢ଼ାଲ ଧର ।" (ଏଫିସୀ ୬:୧୬) । ପ୍ରତ୍ୟେକ କ୍ଷେତ୍ରରେ ଆମ୍ଭମାନଙ୍କ ସମର୍ଥତା ସଦାପ୍ରଭୁଙ୍କ ସହାୟତାରୁ ମିଳେ ବୋଲି ଉପରୋକ୍ତ ପଦଗୁଡ଼ିକ ଆମ୍ଭମାନଙ୍କୁ ଜଣାଇ ଦିଏ ।

ଆତ୍ମିକ ଭାବେ, ଏକାକୀଭାବେ ଆମେ କୌଣସି କାମ କରି ନପାରୁ । ସମସ୍ତ ସାମର୍ଥ୍ୟତା ସଦାପ୍ରଭୁଙ୍କର । ତାହାଙ୍କ ସହାୟତାରେ ଆମ୍ଭେମାନେ ସମର୍ଥ ହୋଇ ପାରିବା । ତାହାଙ୍କ ବିନୁ, ଆମ୍ଭେମାନେ କୌଣସି କାର୍ଯ୍ୟ କରି ପାରିବା ନାହିଁ । ଆମ୍ଭମାନଙ୍କ ଆପଣା ଆପଣା ଶକ୍ତିରେ ଜୀବନର ସମସ୍ୟା ଗୁଡ଼ିକ ସମ୍ମୁଖୀନ ହୋଇ ପାରିବା ନାହିଁ । ସଦାପ୍ରଭୁଙ୍କ ଅସୀମ ଶକ୍ତି ଉପରେ ଭରସା ରଖୁଁ । ସେ ଏକ ପାପପୂର୍ଣ୍ଣ ହୃଦୟକୁ ନେଇ, ତାହାଙ୍କ ପ୍ରତିବିମ୍ବରେ ଛାପିବାରେ ସମର୍ଥ ଅଟନ୍ତି । ତାହାଙ୍କ କାର୍ଯ୍ୟରେ ବିନିଯୋଗ କରିବା ନିମନ୍ତେ ସେ, ଆପଣା ଛାପରେ ଢ଼ାଳନ୍ତି । ପ୍ରେରିତ ପାଉଲ କହନ୍ତି, "ମୋହର ଶକ୍ତିଦାତାଙ୍କ ସାହାଯ୍ୟରେ ମୁଁ ସମସ୍ତ କରି ପାରେ ।" (ଫିଲିପି ୪:୧୩) । ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରିବା ଲୋକେ ଆପଣା ମନ ଇଚ୍ଛାରେ ସବୁ କାମ କରିପାରିବା ବୋଲି ଅନେକ ମନୋଭାବ । କିନ୍ତୁ ପାଉଲଙ୍କ ଲିଖିତ ଏହି ବାକ୍ୟ ସେପରି ଶିକ୍ଷା ଦିଏ ନାହିଁ । କିନ୍ତୁ ଶୟତାନର ସମସ୍ତ ଚତୁରୀ, ସମସ୍ତ ପ୍ରଲୋଭନରୁ ଆମ୍ଭେମାନେ ସର୍ବଶକ୍ତିମାନ ଈଶ୍ୱରଙ୍କ ସହାୟତାରେ ବିଜୟୀ ହୋଇ ପାରିବୁ । ତାହାଙ୍କ ସହ ସମସ୍ତ କରିପାରିବୁ , ତାହାଙ୍କ ବିନୁ କିଛି ନପାରୁ । ଆମ୍ଭମାନଙ୍କ ପରମେଶ୍ୱର ସକ୍ଷମ ଅଟନ୍ତି, ସେ ଆମ୍ଭମାନଙ୍କ ସକ୍ଷମତା ପ୍ରଦାନ କରନ୍ତି ।

**–Jerry Bates**

❋❋❋

## ଯୀଶୁଙ୍କ ପଦଚିହ୍ନ ଅନୁକରଣ କରୁ

(Followig in the Steps of Jesus)

"ଏଥିନିମନ୍ତେ ହିଁ ତୁମ୍ଭେମାନେ ଆହୂତ ହୋଇଅଛି । କାରଣ ତୁମ୍ଭେମାନେ ଯେପରି ଖ୍ରୀଷ୍ଟଙ୍କର ପଦଚିହ୍ନ ଦେଇ ଗମନ କର, ସେଥିପାଇଁ ସେ ମଧ୍ୟ ତୁମ୍ଭମାନଙ୍କ ନିମନ୍ତେ ଦୁଃଖଭୋଗ କରି ତୁମ୍ଭମାନଙ୍କ ନିମନ୍ତେ ଦୁଃଖଭୋଗ କରି ତୁମ୍ଭମାନଙ୍କୁ ଗୋଟିଏ ଆଦର୍ଶ ଦେଖାଇ ଦେଇ ଯାଇ ଅଛନ୍ତି । ସେ କୌଣସି ପାପ କଲେ ନାହିଁ, କିଅବା ତାହାଙ୍କ ମୁଖରେ କୌଣସି ଛଳକଥା ନଥିଲା । ସେ ନିନ୍ଦା ପାଇବା ସମୟରେ ଫେରି ନିନ୍ଦା କଲେ ନାହିଁ । ଦୁଃଖଭୋଗ କରିବା ସମୟରେ ପ୍ରତିହିଂସା କରିବାକୁ ଭୟ ଦେଖାଇଲେ ନାହିଁ, କିନ୍ତୁ ନ୍ୟାୟ ବିଚାରକର୍ତ୍ତାଙ୍କ ହସ୍ତରେ ସମସ୍ତ ବିଷୟ ସମର୍ପଣ କଲେ । ଆମ୍ଭେମାନେ

ଯେପରି ପାପପ୍ରତି ମୃତ ହୋଇ ଧାର୍ମିକତା ନିମନ୍ତେ ଜୀବନଯାପନ କରୁ । ଏଥିନିମନ୍ତେ ସେ ଆପେ କ୍ରୁଶ ଉପରେ ନିଜ ଶରୀରରେ ଆମ୍ଭମାନଙ୍କର ସମସ୍ତ ପାପ ବହନ କଲେ, ତାହାଙ୍କ ପ୍ରହାରରେ ତୁମ୍ଭେମାନେ ସୁସ୍ଥ ହୋଇଅଛ ।" (୧ମ ପିତର ୨:୨୧-୨୪) ।

ବିନଷ୍ଟ ହେଉ ଯାଉଥିବା ଆତ୍ମାମାନଙ୍କ ଖୋଜି ରକ୍ଷା କରିବା ନିମନ୍ତେ ଈଶ୍ୱରଙ୍କ ପୁତ୍ର ଯୀଶୁଖ୍ରୀଷ୍ଟ ଏହି ଜଗତକୁ ଆସିଥିଲେ । (ଲୂକ ୧୯:୧୦) । ତାହାଙ୍କୁ ଅନୁସରଣ କରିବା ଆମ୍ଭମାନଙ୍କ ଜୀବନର ଲକ୍ଷ୍ୟ ହେଉ । ଶୟତାନ ମନୁଷ୍ୟମାନଙ୍କୁ ତାହାଙ୍କ ଅନୁସରଣରୁ ବିଚଳିତ କରିବା ନିମନ୍ତେ ସଦାଚେଷ୍ଟିତ । "ସଚେତନ ହୋଇ ଜାଗ୍ରତ ରୁହ, ତୁମ୍ଭମାନଙ୍କ ବିପକ୍ଷ ଶୟତାନ ସିଂହ ପ୍ରାୟ ଗର୍ଜନ କରି କାହାକୁ ଗ୍ରାସିବ, ଏହା ଖୋଜି ବୁଲୁଅଛି ।" (୧ମ ପିତର ୫:୮) । ଜଗତର ଅତି ସଂଖ୍ୟାର ଲୋକେ ଶୟତାନର ବନ୍ଧନରେ ଆବଦ୍ଧ । (ଏବ୍ରୀ ୨:୧୪-୧୫) । "...ସମସ୍ତ ଜଗତ ଯେ ପାପାତ୍ମାର ଅଧୀନ ଏହା ଆମ୍ଭେମାନେ ଜାଣୁ ।" (୧ମ ଯୋହନ ୫:୧୯) । ଯେଉଁମାନେ ଶୟତାନର ବନ୍ଧନରେ ଆବଦ୍ଧ, ଯେଉଁମାନେ ପାପାତ୍ମାର ସେବକ ସେମାନଙ୍କୁ ପ୍ରଭୁଙ୍କ ନିକଟକୁ ଫେରାଇ ଆଣିବା ଆମ୍ଭମାନଙ୍କ ଜୀବନର ମୁଖ୍ୟ ଲକ୍ଷ୍ୟ ହେଉ ।

ଯୀଶୁ କହିଲେ, "ପୁଣି ତୁମ୍ଭେମାନେ ସତ୍ୟ ଅଜ୍ଞାତ ହେବ ଓ ସେହି ସତ୍ୟ ତୁମ୍ଭମାନଙ୍କ ମୁକ୍ତ କରିବ । ସେମାନେ ତାହାଙ୍କୁ ଉତ୍ତର ଦେଲେ, ଆମ୍ଭେମାନେ ଅବ୍ରାହମଙ୍କର ବଂଶ, ଆଉ କେବେ ହେଁ କାହାରି ଦାସ ହୋଇ ନାହୁଁ, ତେବେ ତୁମ୍ଭେମାନେ ମୁକ୍ତ ହେବ ବୋଲି ତୁମ୍ଭେ କିପରି କହୁଅଛ ? ଯୀଶୁ ସେମାନଙ୍କୁ ଉତ୍ତର ଦେଲେ, ସତ୍ୟ ସତ୍ୟ ମୁଁ ତୁମ୍ଭମାନଙ୍କୁ ଯେ କେହି ପାପ କରେ, ସେ ପାପର ଦାସ । ଦାସ ଚିରକାଳ ଗୃହରେ ରହେ ନାହିଁ, ପୁତ୍ର ଚିରକାଳ ରହେ । ଅତଏବ ପୁତ୍ର ଯଦି ତୁମ୍ଭମାନଙ୍କୁ ମୁକ୍ତ କରିବେ, ତାହାହେଲେ ତୁମ୍ଭେମାନେ ପ୍ରକୃତରେ ମୁକ୍ତ ହେବ ।" (ଯୋହନ ୮:୩୨-୩୬) ।

ପାପ ବନ୍ଧନରୁ ମୁକ୍ତ କରିବା ନିମନ୍ତେ ଯୀଶୁଖ୍ରୀଷ୍ଟ ମନୁଷ୍ୟମାନଙ୍କ ନିମନ୍ତେ କଅଣ କରିଥିଲେ ? ମାର୍କ ୬:୩୨-୩୪ ପଦରେ ଲିଖିତ ବିବରଣରେ ପଢ଼ିପାରୁ । "ତହିଁରେ ସେମାନେ ଅନ୍ତର ହୋଇ ନୌକାରେ ଗୋଟିଏ ନିର୍ଜନ ସ୍ଥାନକୁ ବାହାରି ଗଲେ । କିନ୍ତୁ ଅନେକେ ବାହାରି ବହୁ ସଂଖ୍ୟକ ଲୋକଙ୍କୁ ଦେଖିଲେ ଓ ଚିହ୍ନିଲେ, ପୁଣି ଲୋକମାନେ ସମସ୍ତ ନଗରରୁ ପାଦଗତିରେ ସେଠାକୁ ଏକତ୍ର ଦୌଡ଼ିଯାଇ ସେମାନଙ୍କ ଆଗରେ ପହଞ୍ଚିଲେ ସେ ନୌକାରେ ବାହାରି ବହୁ ସଂଖ୍ୟକ ଲୋକଙ୍କୁ ଦେଖି ସେମାନଙ୍କ ପ୍ରତି ଦୟାରେ ବିଚଳିତ ହେଲେ, କାରଣ ସେମାନେ ଅରକ୍ଷକ ମେଷ ପରିଥିଲେ । ପୁଣି ସେ ସେମାନଙ୍କୁ ଅନେକ ବିଷୟ ଶିକ୍ଷା ଦେବାକୁ ଲାଗିଲେ ।" (ମାର୍କ ୬:୩୨-୩୪) ।

ଯୀଶୁଖ୍ରୀଷ୍ଟ ଜନସମୂହ ଦେଖି, ଯେପରି ଅନୁଭବ କରିଥିଲେ, ଆମ୍ଭେମାନେ ସେପରି ଅନୁଭବ କରୁ । ସେ ଯେପରି ସେମାନଙ୍କୁ ଦେଖିଥିଲେ, ସେପରି ଭାବେ ଦେଖୁ । ସେ ଯାହା କରିଥିଲେ, ତାହା କରୁ ।

**ସେମାନଙ୍କ ପ୍ରତି ଦୟାରେ ବିଚଳିତ ହେଲେ :-**

ବିନଷ୍ଟ ହୋଇ ଯାଉଥିବା ଆତ୍ମା (ମନୁଷ୍ୟ) ମାନଙ୍କ ସହ ସାକ୍ଷାତ କରିବା ସମୟରେ ଆପଣ କିପରି ଅନୁଭବ କରନ୍ତି ? ଆମ୍ଭମାନଙ୍କ ଆତ୍ମୀୟ ବନ୍ଧୁବାନ୍ଧବ, ସହକର୍ମକାରୀ ଯେଉଁମାନେ ବିନଷ୍ଟ ହୋଇ ଯାଉଅଛନ୍ତି । ସେମାନଙ୍କ ବିଷୟରେ ଆପଣ ଅନୁଭବ କରୁଅଛନ୍ତି ? ଯୀଶୁଖ୍ରୀଷ୍ଟ ଅନ୍ୟମାନଙ୍କ ଦୁଃଖକଷ୍ଟ ଆପେ ଅନୁଭବ କରୁଥିଲେ ।

ଯୀଶୁଖ୍ରୀଷ୍ଟଙ୍କ ବିଷୟରେ ବାଇବଲ କହେ, "ଅତଏବ, ସମସ୍ତ ବିଷୟରେ ଆପଣା ଭ୍ରାତୃମାନଙ୍କ ସଦୃଶ୍ୟ ହେବା ତାହାଙ୍କର ଉଚିତ ଥିଲା ଯେପରି ସେ ଲୋକମାନଙ୍କ ପାପର ପ୍ରାୟଶ୍ଚିତ କରିବା ନିମନ୍ତେ ଈଶ୍ୱରଙ୍କ ସେବା ସମ୍ବନ୍ଧରେ ଜଣେ ଦୟାଳୁ ଓ ବିଶ୍ୱସ୍ତ ମହାଯାଜକ ହୁଅନ୍ତି । କାରଣ ସେ ନିଜେ ପରୀକ୍ଷିତ ହୋଇ ଦୁଃଖଭୋଗ କରିଥିବାରୁ ପରୀକ୍ଷିତ ହେଉଥିବା ଲୋକମାନଙ୍କ ଉପକାର କରିବା ନିମନ୍ତେ ସକ୍ଷମ ଅଟନ୍ତି ।" (ଏବ୍ରୀ ୨:୧୭-୧୮) । ଏକାନ୍ତତା, ନିରୁତ୍ସାହ, ମିତ୍ରଦ୍ରୋହ, ଅନ୍ୟାୟ, ଅତ୍ୟାଚର ସେ ନିଜେ ଅନୁଭବ କରିଥିବାରୁ ସେ ନିର୍ଯ୍ୟାତିତମାନଙ୍କ କଷ୍ଟ ଅନୁଭବ କରନ୍ତି ।

ବାକ୍ୟ କହେ, "ପୁଣି ପ୍ରେମ ଓ ସତ୍‌କ୍ରିୟାରେ ପ୍ରବର୍ତ୍ତାଇବା ନିମନ୍ତେ ପରସ୍ପର ବିଷୟରେ ମନୋଯୋଗ କରୁ ।" (ଏବ୍ରୀ ୧୦:୨୪) । ଏହାହିଁ ଯୀଶୁଖ୍ରୀଷ୍ଟ ଏହି ଜଗତରେ ଥିବା ସମୟରେ କରୁଥିଲେ । ସେ ଅନ୍ୟମାନଙ୍କ ଦୁଃଖକଷ୍ଟ ନିଜେ ଅନୁଭବ କରି, ସେମାନଙ୍କ ସାହାଯ୍ୟ କରିବା ନିମନ୍ତେ ସମକ୍ଷ ଅଟନ୍ତି, ଆମ୍ଭେମାନେ ଯୀଶୁଙ୍କ ସଦୃଶ୍ୟ ଦୟାରେ ବିଚଳିତ ହେଲେ, ଆମ୍ଭେମାନେ ଅସହ୍ୟ, କଠୋର, ଗର୍ବୀ, ନିଷ୍ଠୁର ରୂପେ ବ୍ୟବହାର କରିବୁ ନାହିଁ । "ଲୋକମାନେ ତୁମ୍ଭମାନଙ୍କ ପ୍ରତି ଯାହା ସବୁ କରନ୍ତୁ ବୋଲି ଇଚ୍ଛା କରୁ, ତୁମ୍ଭେମାନେ ମଧ୍ୟ ସେମାନଙ୍କ ପ୍ରତି ସେମାନଙ୍କ ପ୍ରତି ସେହି ସବୁ କର...।" ଏହି ସୁବର୍ଣ୍ଣ ସୂତ୍ର ପାଳନ କଲେ, ଜୀବନର ଅନେକ ସମସ୍ୟାର ସମାଧାନ ହେବ । (ମାଥିଉ ୭:୧୨) ।

**ସେମାନେ ଅରକ୍ଷକ ମେଷ ପରି ଥିଲେ :-**

ମେଷମାନେ ପଥହରା ହୁଅନ୍ତି । ଯୀଶୁଖ୍ରୀଷ୍ଟ ତାହାଙ୍କ ନିକଟକୁ ଆସିଥିବା ଜନତାକୁ ଅରକ୍ଷକ ମେଷ ତୁଲ୍ୟ ଥିବା ସେ ଦେଖିଥିଲେ ଓ ମନୁଷ୍ୟ ଜୀବନ ନିମନ୍ତେ ଲକ୍ଷ୍ୟ ଓ ଲକ୍ଷ୍ୟ ସାଧନର ଦୃଢ଼ ସଂକଳ୍ପ ରହିବା ନିମନ୍ତେ ଆବଶ୍ୟକ । "ପରମେଶ୍ୱରଙ୍କୁ ଭୟ କର ଓ

ତାହାଙ୍କର ଆଜ୍ଞାସବୁ ପାଳନ କର, କାରଣ ଏହା ହିଁ ମନୁଷ୍ୟର ପୂର୍ଣ୍ଣ କର୍ତ୍ତବ୍ୟ କର୍ମ ।" (ଉପଦେଶ ୧୨:୧୩) । ଈଶ୍ୱରଙ୍କ ଅନ୍ୱେଷଣ କରି ତାହାଙ୍କୁ ଉଦ୍ଦେଶ୍ୟ ପାଇବା ନିମନ୍ତେ ପ୍ରତ୍ୟେକ ମନୁଷ୍ୟ ସତ୍‌ଚେଷ୍ଟିତ । (ପ୍ରେରିତ ୧୭:୨୭) ।

ଯୀଶୁଙ୍କ ସମୟର ସମାଜଠାରୁ ଆଧୁନିକ ସମାଜ କି ଶହ ମାତ୍ର ଭିନ୍ନ ନୁହେଁ ? ଯିରିମିୟ ଭାବବାଦୀ କହନ୍ତି, "ହେ ସଦାପ୍ରଭୁ, ମୁଁ ଜାଣେ, ମନୁଷ୍ୟର ଗତି ତାହାର ଆୟତ୍ତ ନୁହେଁ, ନିଜ ପାଦନିକ୍ଷେପ ସ୍ଥିର କରିବାର ଗମନାକାରୀ ମନୁଷ୍ୟର ସାଧ୍ୟ ନୁହେଁ ।" (ଯିରିମିୟ ୧୦:୨୩) । ଦୁଃଖର ବିଷୟ ଏହି କି, ଅରକ୍ଷକ ମେଷ ଗୁଡ଼ିକ, ମେଷପାଳକ ଓ ରକ୍ଷକଙ୍କୁ ଚିହ୍ନନ୍ତି ନାହିଁ ବ ସେମାନଙ୍କୁ ରକ୍ଷକଙ୍କର ପରିଚୟ ଦେବା ଆମ୍ଭମାନଙ୍କ କର୍ତ୍ତବ୍ୟ ।

**ସେ ସେମାନଙ୍କୁ ଅନେକ ଶିକ୍ଷା ଦେବାକୁ ଲାଗିଲେ :-**

ସେମାନଙ୍କ ପରିସ୍ଥିତି ଯୀଶୁଙ୍କ ହୃଦୟସ୍ପର୍ଶ କରିଥିଲା । ସେମାନଙ୍କ ଆବଶ୍ୟକତା ବିଷୟରେ ଯଦିଓ ସେମାନେ ଅଜ୍ଞ ଥିଲେ, ଯୀଶୁ ଜ୍ଞାତ ଥିଲେ । ଅନ୍ୟ ଏକ ସମୟରେ ଯୀଶୁ କହଲେ, "କ୍ଷୟୀ ଭକ୍ଷ୍ୟ ନିମନ୍ତେ ଶ୍ରମ ନକରି ବରଂ ଯେଉଁ ଅନନ୍ତ ଜୀବନ ଦାୟକ ଭକ୍ଷ୍ୟ ଅକ୍ଷୟ ରହେ, ସେଥିନିମନ୍ତେ ଶ୍ରମ କର, ସେହି ଭକ୍ଷ୍ୟ ମନୁଷ୍ୟ ପୁତ୍ର ତୁମ୍ଭମାନଙ୍କୁ ଦେବେ, କାରଣ ତାହାଙ୍କୁ ପିତା ଈଶ୍ୱର ମୁଦ୍ରାଙ୍କିତ କଲେ ।" (ଯୋହନ ୬:୨୭) । ଶାରିରୀକ ବିଷୟରେ ନୁହେଁ, କିନ୍ତୁ ଆତ୍ମିକ ବିଷୟରେ ପ୍ରଭୁଯୀଶୁ ଅଧିକ ପ୍ରାଧାନ୍ୟତା ଦେଇଥିଲେ ଓ ସେ ଏହି ଜଗତର ବ୍ୟାଧି କ୍ଷୁଧା ବା ଅତ୍ୟାଚାର ଅନ୍ତ କରିବା ନିମନ୍ତେ ଆସି ନଥିଲେ । ଯଦିଓ ଏହି ସବୁ ବିନାଶ କରିବା ନିମନ୍ତେ ତାହାଙ୍କ ଶକ୍ତି ଥିଲା । ବିନାଶ ହେଉଥିବା ଆତ୍ମା ଗୁଡିକ ଖୋଜି ରକ୍ଷା କରିବା ତାହାଙ୍କ ଜୀବନର ଲକ୍ଷ୍ୟ ଥିଲା । ଏହା ଆମ୍ଭମାନଙ୍କ ଜୀବନର ଲକ୍ଷ୍ୟ ହେଉ ।

ଯୀଶୁ କହିଲେ, "ଆଉ, ମନୁଷ୍ୟ ଯେବେ ସମସ୍ତ ଜଗତ ଲାଭ କରି ନିଜ ଜୀବନ ହରାଏ, ତେବେ ତାହାର କି ଲାଭ ? ପୁଣି ମନୁଷ୍ୟ ଆପଣା ଜୀବନ ବଦଳରେ କଅଣ ଦେଇପାରେ ?" (ମାର୍କ ୮:୩୬-୩୭) । ଶାରିରୀକ ଭାବେ ଆମ୍ଭମାନେ ମନୁଷ୍ୟମାନଙ୍କୁ ଯେତେ ଉପକାର କଲେ ବି, ସେମାନଙ୍କ ଆତ୍ମାର ରକ୍ଷା ନିମନ୍ତେ କାର୍ଯ୍ୟ ନକଲେ, ସେମାନେ ପ୍ରକୃତ ଉପକାର ପାଇନଥାନ୍ତି ।

ଯୀଶୁଙ୍କ ସଦୃଶ୍ୟ ଶିକ୍ଷା ଦେବା ଦ୍ୱାରା ବିନାଶ ପ୍ରାପ୍ତ ହୋଉଥିବା ମନୁଷ୍ୟମାନେ ପ୍ରକୃତ ଉପକାର ପାଇପାରିବେ । ପ୍ରେରିତ ପାଉଲ କହନ୍ତି, "କାରଣ ମୁଁ ସୁସମାଚାର ସମ୍ବନ୍ଧରେ ଲଜ୍ଜାବୋଧ କରେ ନାହିଁ, ଯେଣୁ ତାହା ପ୍ରତ୍ୟେକ ବିଶ୍ୱାସୀ ପକ୍ଷରେ ପରିତ୍ରାଣ

ନିମନ୍ତେ ଈଶ୍ୱରଙ୍କ ଶକ୍ତି ଅଟେ ।" (ରୋମୀୟ ୧:୧୬) । ଈଶ୍ୱରଙ୍କ ବାକ୍ୟ ଶିକ୍ଷା ଦ୍ୱାରା ଆମ୍ଭେମାନେ ପ୍ରତ୍ୟେକ ଆତ୍ମିୟ ଆଶୀର୍ବାଦ ପାଇପାରୁ । ପ୍ରେରିତ ପାଉଲ ଏଫିସୀ ମଣ୍ଡଳୀର ପ୍ରାଚୀନମାନଙ୍କୁ କହିଥିଲେ, "ଏବେ ମୁଁ ପ୍ରଭୁଙ୍କ ଠାରେ ଓ ତାହାଙ୍କ ଅନୁଗ୍ରହର ବାକ୍ୟ ନିକଟରେ ସମର୍ପଣ କରୁଅଛି, ସେ ତୁମ୍ଭମାନଙ୍କୁ ନିଷ୍ଠାବାନ କରିବା ନିମନ୍ତେ ଓ ପବିତ୍ରୀକୃତ ସମସ୍ତଙ୍କ ମଧ୍ୟରେ ଅଧିକାର ଦେବା ନିମନ୍ତେ ସମର୍ଥ ଅଟନ୍ତି ।" (ପ୍ରେରିତ ୨୦:୩୨) । ଆପଣ ଯଦି ମନୁଷ୍ୟମାନଙ୍କ ଆତ୍ମାର ଉପକାର ଚାହାନ୍ତି, ସେମାନଙ୍କୁ "ଶିକ୍ଷା ଦିଅ" ।

ସ୍ୱର୍ଗାରୋହଣ ପୂର୍ବେ ଯୀଶୁ ଶିଷ୍ୟମାନଙ୍କୁ ଆଜ୍ଞା ଦେଇ କହିଥିଲେ, "...ତୁମ୍ଭେମାନେ ସମୁଦାୟ ଜଗତକୁ ଯାଇ ସମସ୍ତ ମାନବ ଜାତି ନିକଟରେ ସୁସମାଚାର ଘୋଷଣା କର । ଯେ ଅବିଶ୍ୱାସ କରି ବାପ୍ତିଜିତ ହୁଏ, ସେ ପରିତ୍ରାଣ ପକାଇବ ।" (ମାର୍କ ୧୬:୧୫-୧୦) । ପ୍ରେରିତ ପାଉଲ ଏଫିସୀ ମଣ୍ଡଳୀକୁ ଲେଖନ୍ତି, "ଆମ୍ଭମାନଙ୍କର ପ୍ରଭୁ ଯୀଶୁଙ୍କ ଠାରେ ଈଶ୍ୱର ଯେଉଁ ଚିରନ୍ତନ ସଂକଳ୍ପ କରିଥିଲେ, ତଦନୁସାରେ ମଣ୍ଡଳୀ ଦ୍ୱାରା ଯେପରି ତାହାଙ୍କର ବହୁବିଧ ଜ୍ଞାନ ସ୍ୱର୍ଗରେ କର୍ତ୍ତାଗଣ ଓ ଅଧିକାର ପ୍ରାପ୍ତ ବ୍ୟକ୍ତିମାନଙ୍କୁ ଜ୍ଞାତ କରାଯାଏ...।" (ଏଫିସୀ ୩:୧୦-୧୧) । ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ପ୍ରଦତ୍ତ 'ମୁକ୍ତି' ବିଷୟରେ ଶିକ୍ଷା ଦେଇ, ମନୁଷ୍ୟମାନଙ୍କୁ ଶୟତାନର ବନ୍ଧନରୁ ମୁକ୍ତ ହେବା ନିମନ୍ତେ ଆମ୍ଭେମାନେ ସାହାଯ୍ୟ କରି ପାରିବା । ଆମ୍ଭେମାନେ ଯଦି ପ୍ରକୃତରେ ମନୁଷ୍ୟମାନଙ୍କ ଆତ୍ମା ଗୁଡ଼ିକ ନିମନ୍ତେ ଚିନ୍ତିତ ଅଟୁଁ, ତାହା ହେଲେ ଆମ୍ଭେମାନେ ସେମାନଙ୍କୁ କେତେ ପ୍ରେମ କର, ତାହା ଜଣାଇବା ଠାରୁ ଅଧିକ ଭାବେ ଖ୍ରୀଷ୍ଟଙ୍କ ସେମାନଙ୍କୁ କିପରି ଅତ୍ୟାଧିକ ଭାବେ ପ୍ରେମ କରନ୍ତି ଜଣାଇବା ଆବଶ୍ୟକ ।

ଆସ ଆମ୍ଭେମାନେ ଯୀଶୁଖ୍ରୀଷ୍ଟଙ୍କ ଅନୁସରଣ କରୁ । ସେ ଆମ୍ଭମାନଙ୍କ ପ୍ରତି ଯେପରି ଦୟା ପ୍ରକାଶ କରି ଅଛନ୍ତି । ଆମ୍ଭେମାନେ ଅନ୍ୟମାନଙ୍କ ପ୍ରତି ଦୟା ପ୍ରକାଶ କରୁ । ସେ ଯେପରି ମନୁଷ୍ୟମାନଙ୍କ ଆତ୍ମା ଅରକ୍ଷକ ମେଷତୁଲ୍ୟ ଦେଖିଥିଲେ, ଆମ୍ଭେମାନେ ବିନଷ୍ଟ ହେବା ଆତ୍ମା ଗୁଡ଼ିକୁ ସେପରି ଯତ୍ନ ଦେଉ । ସେମାନଙ୍କ ଖ୍ରୀଷ୍ଟଙ୍କ ବିଷୟରେ ଶିକ୍ଷା ଦେଉ ଓ ସୁସମାଚାର ବିନାଶ ପ୍ରାପ୍ତ ହେଉଥିବା ଆତ୍ମା ଗୁଡ଼ିକୁ ରକ୍ଷା କରିବା ନିମନ୍ତେ ଈଶ୍ୱରଙ୍କ ଶକ୍ତି ଅଟେ ।

***–Clem Thurman***

❋ ❋ ❋

# ସ୍ୱର୍ଗ
## (Heaven)

ଆପଣ କି ସ୍ୱର୍ଗକୁ ଯାଉଅଛନ୍ତି ? ଯୀଶୁଖ୍ରୀଷ୍ଟଙ୍କ ପରିତ୍ରାଣ କର୍ତ୍ତାରୂପେ ଗ୍ରହଣ ନକରି ସୁଦ୍ଧା 'ଉତ୍ତମ' ବ୍ୟକ୍ତିମାନେ ମୃତ୍ୟୁପରେ ସ୍ୱର୍ଗରେ ଅନନ୍ତ ଜୀବନଯାପନ କରିବେ ବୋଲି ଅନେକ ବିଶ୍ୱାସ କରନ୍ତି । ବାଇବଲରେ ବର୍ଣ୍ଣିତ 'ସ୍ୱର୍ଗ' ଏକ ଅତ୍ୟନ୍ତ ସୌନ୍ଦର୍ଯ୍ୟମୟ ସ୍ଥାନ । ପ୍ରତ୍ୟେକ ମନୁଷ୍ୟ ସେହି ସୌନ୍ଦର୍ଯ୍ୟ ଓ ସୁଖମୟ ସ୍ଥାନରେ ଅନନ୍ତ ଜୀବନ ବିତାଇବା ଇଚ୍ଛୁକ ହେବା, ଆଶ୍ଚର୍ଯ୍ୟମୟ ବିଷୟ ନୁହେଁ । ସ୍ୱର୍ଗ ଆମ୍ଭମାନଙ୍କ ପ୍ରେମମୟ ପିତାଙ୍କ ନିତ୍ୟ ନିବାସ । "ସଦାପ୍ରଭୁ ଏହି କଥା କହନ୍ତି, ସ୍ୱର୍ଗ ଆମ୍ଭର ସିଂହାସନ...।" (ଯିଶାଇୟ ୬୬:୧) ।

'ପ୍ରଭୁ ପ୍ରାର୍ଥନା' ରେ ଯୀଶୁଖ୍ରୀଷ୍ଟ "ହେ ଆମ୍ଭମାନଙ୍କ ସ୍ୱର୍ଗସ୍ଥ ପିତା.." ବୋଲି ପ୍ରାର୍ଥନା କରିବା ନିମନ୍ତେ ଶିଷ୍ୟମାନଙ୍କୁ ଶିଖାଇଥିଲେ । (ମାଥିଉ ୬:୯) । ସୌନ୍ଦର୍ଯ୍ୟମୟ ସ୍ୱର୍ଗର ଅପରୂପ ବର୍ଣ୍ଣନା ବାଇବଲରେ ପଢ଼ିବାକୁ ପାଇପାରୁ ।

ସ୍ୱର୍ଗ ଏକ ଅନନ୍ତ ଶାନ୍ତି ଓ ସୁଖମୟ ସ୍ଥାନ । ପ୍ରକାଶିତ ୨୧:୪ ପଦରେ ଲେଖାଯାଏ, "ପୁଣି ଈଶ୍ୱର ସ୍ୱୟଂ ସେମାନଙ୍କ ସଙ୍ଗରେ ରହିବେ ଓ ସେମାନଙ୍କ ଚକ୍ଷୁରୁ ସମସ୍ତ ଅଶ୍ରୁଜଳ ପୋଛିଦେବେ, ମୃତ୍ୟୁ ଆଉ ଘଟିବ ନାହିଁ, କାରଣ ସେମାନେ ତାହାଙ୍କ ଲୋକ ହେବେ ।" (ପ୍ରେରିତ ୨୧:୪) ।

ଏବ୍ରୀ ୪:୯-୧୧ ପ୍ରକାଶିତ ୧୪୩:୧୩ ପଦଗୁଡ଼ିକରେ ସ୍ୱର୍ଗକୁ ଏକ ବିଶ୍ରାମ ସ୍ଥଳରୂପେ ବର୍ଣ୍ଣନା କରାଯାଇଅଛି, କିନ୍ତୁ ନରକ ନିତ୍ୟ ଯନ୍ତ୍ରଣାର ସ୍ଥଳ । ଏହା ଏକ ଅନ୍ଧକାର, ରୋଦନ ଓ ଦନ୍ତର କିଡ଼ିମିଡ଼ିର ସ୍ଥାନ । (ମାଥିଉ ୮:୧୨, ୨୨:୧୩, ୨୪:୫୧, ୨୫:୩୦) । ଏହା ଏକ ଯନ୍ତ୍ରଣାର ସ୍ଥାନ । (ଲୂକ ୧୬:୨୩), ଯେଉଁଠାରେ ଅନନ୍ତ ଅଗ୍ନି ଜଳୁଥାଏ । (ମାଥିଉ ୨୫:୪୧) । କିନ୍ତୁ ସ୍ୱର୍ଗ ବିଶ୍ରାନ୍ତି ଲୋଡୁଥିବା ଆମ୍ଭମାନଙ୍କ ନିମନ୍ତେ ବିଶ୍ରାମର ସ୍ଥାନ ।

ସ୍ୱର୍ଗ ଏକ ଉତ୍କୃଷ୍ଟତର, ଉତ୍କୃଷ୍ଟତର ଦେଶ । ଅନେକେ ଆମେରିକାକୁ ଉତ୍କୃଷ୍ଟତମ ଦେଶ ବୋଲି ମନେ କରନ୍ତି । କିନ୍ତୁ ସ୍ୱର୍ଗ ଉତ୍କୃଷ୍ଟତର । ମନୁଷ୍ୟର ପାପ ହେତୁ ଏହି ଦେଶରେ ଦୁଃଖ, କଷ୍ଟ, ଯନ୍ତ୍ରଣା ଅଛି । କିନ୍ତୁ ସ୍ୱର୍ଗ ଏକ ନିତ୍ୟ ଆନନ୍ଦ, ସନ୍ତୋଷର ସ୍ଥା.

ସ୍ୱର୍ଗ, ଆମେରିକା ଦେଶର ଉତ୍କୃଷ୍ଟତର କାରଣ ସେଠାରେ ପାପ, ମରଣ, ଦୁଃଖ, ମରଣ କିମ୍ବା କୌଣସି ପ୍ରକାର ଯନ୍ତ୍ରଣା ନାହିଁ । ବିଶ୍ୱସ୍ତ ଖ୍ରୀଷ୍ଟିୟାନମାନେ ଏପରି ଏକ ସ୍ଥାନରେ ନିବାସ କରିବା ନିମନ୍ତେ ଅପେକ୍ଷାରେ ରହନ୍ତି । (ଏବ୍ରୀ ୧୧:୧୬) । ସ୍ୱର୍ଗର ସୌନ୍ଦର୍ଯ୍ୟ, ସ୍ୱର୍ଗର ଆନନ୍ଦ ଆମ୍ଭମାନଙ୍କ କଳ୍ପନାନୀତ ।

ସ୍ୱର୍ଗ ଏକ ସହଭାଗିତାର ସ୍ଥାନ । ପ୍ରେରିତ ଯୋହନ ମଣ୍ଡଳୀକୁ ଆପଣା ସ୍ୱାମୀ ନିମନ୍ତେ ସୁସଜ୍ଜିତା କନ୍ୟା ସଦୃଶ୍ୟ ସ୍ୱର୍ଗରୁ ଅବତରଣ କରିବା ସେ ଦର୍ଶନ କରିଥିଲେ ବୋଲି ପ୍ରକାଶିତ ୨୧:୨ ପଦରେ ଲେଖନ୍ତି । ତତ୍ପର ପଦ କହେ, "ଆଉ, ମୁଁ ସିଂହାସନ ମଧ୍ୟରୁ ଗୋଟିଏ ମହାଶବ୍ଦ ଏହା କହିବାର ଶୁଣିଲି, ଦେଖ ମନୁଷ୍ୟମାନଙ୍କ ମଧ୍ୟରେ ଈଶ୍ୱରଙ୍କ ବାସସ୍ଥାନ ଅଛି, ସେ ସେମାନଙ୍କ ସହିତ ବାସ କରିବେ, ଆଉ ସେମାନେ ତାହାଙ୍କ ଲୋକ ହେବେ ।" (ପ୍ରକାଶିତ ୨୧:୩) । "...ଏହି ପ୍ରକାରେ ଆମ୍ଭେମାନେ ସର୍ବଦା ପ୍ରଭୁଙ୍କ ସହିତ ରହିବୁ ।" (୧ମ ଥେସ ୪:୧୭) । ସଦପ୍ରଭୁଙ୍କ ସହ ସ୍ୱର୍ଗରେ ସଦାକାଳ ନିବାସ କରିବା କେତେ ସନ୍ତୋଷମୟ ବିଷୟ ।

ଯୁଗ ଯୁଗଧରି ଈଶ୍ୱରଙ୍କ ଠାରେ ବିଶ୍ୱସ୍ତ ଜୀବନଯାପନ କରିଥିବା ସାଧୁମାନଙ୍କ ସହିତ ସହଭାଗିତା ଆମ୍ଭେମାନେ ସ୍ୱର୍ଗରେ ଯାଇ ପାରିବା, ପ୍ରେରିତ ପାଉଲ ଥେସଲନୀକୀ ମଣ୍ଡଳୀକୁ କହନ୍ତି, "ହେ ଭାଇମାନେ ଭରସାହୀନ ଅନ୍ୟ ସମସ୍ତଙ୍କ ପରି ତୁମ୍ଭେମାନେ ଯେପରି ଶୋକାକୂଳ ନହୁଅ, ଏଥିନିମନ୍ତେ ମହା ନିଦ୍ରା ପ୍ରାପ୍ତ ଲେକମାନଙ୍କ ବିଷୟରେ ତୁମ୍ଭେମାନେ ଯେ ଅଜ୍ଞ ଥାଅ । ଏହା ଆମ୍ଭମାନଙ୍କର ଇଚ୍ଛା ନୁହେଁ । କାରଣ ଯଦି ଆମ୍ଭେମାନେ ବିଶ୍ୱାସ କରୁ ଯେ, ଯୀଶୁ ମରି ପୁନର୍ବାର ଉଠି ଅଛନ୍ତ. ତେବେ ଈଶ୍ୱର ଯେ ଯୀଶୁଙ୍କ ଦ୍ୱାରା ମହାନିଦ୍ରା ପ୍ରାପ୍ତ ଲୋକମାନଙ୍କୁ ସେହି ପ୍ରକାରେ ତାହାଙ୍କ ସଙ୍ଗେ ଆଣିବେ । ଏହା ମଧ୍ୟ ବିଶ୍ୱାସ କରିବା ଉଚିତ । ଯେଣୁ ତୁମ୍ଭେମାନେ ପ୍ରଭୁଙ୍କ ବାକ୍ୟାନୁସାରେ ତୁମ୍ଭମାନଙ୍କ ଏହା କହୁଅଛୁ । ଆମ୍ଭେମାନେ ଯେତେ ଲୋକ ପ୍ରଭୁଙ୍କ ଆଗମନ ପର୍ଯ୍ୟନ୍ତ ଜୀବିତ ରହି ଅବଶିଷ୍ଟ ଥିବୁ, ଆମ୍ଭେମାନେ କୌଣସି ପ୍ରକାରେ ମହାନିଦ୍ରା ପ୍ରାପ୍ତ ଲୋକମାନଙ୍କର ଅଗ୍ରଗାମୀ ହେବୁ ନାହିଁ । କାରଣ ପ୍ରଭୁ ଆପେ ଆଦେଶ ଦେଇ ପ୍ରଧାନ ଦୂତଙ୍କ ସ୍ୱର ଓ ଈଶ୍ୱରଙ୍କ ତୂରୀବାଦ୍ୟ ସହିତ ସ୍ୱର୍ଗରୁ ଅବତରଣ କରିବେ । ସେଥିରେ ଯେଉଁମାନେ ଖ୍ରୀଷ୍ଟଙ୍କ ଠାରେ ଥାଇ ମରି ଅଛନ୍ତି, ସେମାନେ ପ୍ରଥମରେ ଉଠିବେ । ପରେ ଆମ୍ଭେମାନେ ଯେତେ ଲୋକ

ଜୀବିତ ରହି ଅବଶିଷ୍ଟ ଥିବୁ । ପ୍ରଭୁଙ୍କ ସହିତ ସାକ୍ଷାତ୍ କରିବା ନିମନ୍ତେ ଆମ୍ଭେମାନେ ସେମାନଙ୍କ ସହ ମେଘମାଳାରେ ନୀତ ହେବୁ; ଏହି ପ୍ରକାରେ ଆମ୍ଭେମାନେ ସର୍ବଦା ପ୍ରଭୁଙ୍କ ସହିତ ରହିବୁ । ଅତଏବ ଏହି ସମସ୍ତ ବାକ୍ୟ ଦ୍ୱାରା ତୁମ୍ଭେମାନେ ପରସ୍ପର ସାନ୍ତ୍ୱନା ଦିଅ ।" (୧ମ କରିନ୍ଥୀ ୪:୧୩-୧୮) ।

ପ୍ରଶ୍ନ ଉଠେ, ଆପଣ କି ସ୍ୱର୍ଗକୁ ଯାଉଅଛନ୍ତି ? ପ୍ରତ୍ୟେକ "ଉତ୍ତମ" ବ୍ୟକ୍ତି ଯଦିଓ ସେମାନେ ଖ୍ରୀଷ୍ଟଙ୍କ ରକ୍ତରେ ଧୌତ ହୋଇ ନାହାନ୍ତି, ସେମାନେ କି ସ୍ୱର୍ଗକୁ ଯିବେ ? ଏହି ସବୁ ପ୍ରଶ୍ନର ଉତ୍ତର ମନୁଷ୍ୟ ଦେଇପାରେ ନାହିଁ, କିଅବା ମନୁଷ୍ୟର ଦେବାକୁ ଅଧିକାର ବି ନାହିଁ । ଆସ, ଆମ୍ଭେମାନେ ସ୍ୱର୍ଗରେ ଜୀବନର ଅଧିକାରୀ ନ୍ୟାୟବାନ ଯୀଶୁଖ୍ରୀଷ୍ଟଙ୍କୁ ସେ ପ୍ରଶ୍ନର ଉତ୍ତର ପ୍ରଚ୍ଛରୁ । ସେ କହିବେ, "ମୋତେ ପ୍ରଭୁ, ପ୍ରଭୁ ବୋଲି ଡାକନ୍ତି, ଏପରି ପ୍ରତ୍ୟେକ ସ୍ୱର୍ଗରାଜ୍ୟରେ ପ୍ରବେଶ କରିବେ ନାହିଁ । ମାତ୍ର ଯେ ମୋହର ସ୍ୱର୍ଗସ୍ଥ ପିତାଙ୍କ ଇଚ୍ଛା ସାଧନ କରେ । ସେ ପ୍ରବେଶ କରିବ । ସେଦିନ ଅନେକେ ମୋତେ କହିବେ, ହେ ପ୍ରଭୁ, ହେ ପ୍ରଭୁ, ଆମ୍ଭେମାନେ କି ତୁମ୍ଭ ନାମରେ ଭାବବାଦୀ କହିଲୁ ନାହିଁ । ପୁଣି ତୁମ୍ଭ ନାମରେ କି ଅନେକ ଶକ୍ତିର କାର୍ଯ୍ୟ କଲୁ ନାହିଁ ? ସେତେବେଳେ ମୁଁ ସେମାନଙ୍କୁ ସ୍ପଷ୍ଟରୂପେ କହିବି, ମୁଁ ତୁମ୍ଭମାନଙ୍କୁ କେବେ ହେଁ ଜାଣି ନାହିଁ । ହେ ଅଧର୍ମାଚରୀମାନେ, ମୋ ପାଖରୁ ଦୂର ହୁଅ ।" (ମାଥିଉ ୭:୨୧-୧୩) ।

ସେହି ସୌନ୍ଦର୍ଯ୍ୟମୟ, ଆହ୍ଲାଦମୟ ସ୍ୱର୍ଗକୁ ଯିବା ନିମନ୍ତେ କି ଆପଣା ଆପଣାକୁ ପ୍ରସ୍ତୁତ କରୁଅଛନ୍ତି ? ଆସ, ଆମ୍ଭେମାନେ ଆମ୍ଭମାନଙ୍କ ସ୍ୱର୍ଗସ୍ଥ ପିତାଙ୍କ ଇଚ୍ଛା ପାଳନ କରୁ !

***–Mark T. Tonkery***

❋❋❋

# ମଣ୍ଡଳୀ ନିମନ୍ତେ କଅଣ ଉତ୍ତମ ?
## (What is right with the Church ?)

"ସେଥିରେ ଯେଉଁମାନେ ତାହାଙ୍କ ବାକ୍ୟ ଗ୍ରହଣ କଲେ, ସେମାନେ ବାପ୍ତିଜିତ ହେଲେ ଆଉ ସେହିଦିନ ପ୍ରାୟ ତିନି ସହସ୍ର ଲୋକେ ମଣ୍ଡଳୀ ସହିତ ସଂଯୁକ୍ତ ହେଲେ । ସେମାନେ ପ୍ରେରିତମାନଙ୍କର ଶିକ୍ଷାରେ, ସହଭାଗିତାରେ, ରୋଟୀ ଭାଙ୍ଗିବାରେ ଓ ପ୍ରାର୍ଥନା କରିବାରେ ନିବିଷ୍ଟଚିତ୍ତ ହୋଇ ରହିଲେ ।" (ପ୍ରେରିତ ୨:୪୧-୪୧) ।

ମଣ୍ଡଳୀର କାର୍ଯ୍ୟାବଳୀ, ମଣ୍ଡଳୀର ପାଳନ ପଦ୍ଧତି ପ୍ରବୃତି ବିଷୟରେ ଅନେକେ ଅନେକ ଭାବରେ ନିନ୍ଦା କରିଥାନ୍ତି । କୌଣସି ମନୁଷ୍ୟ ସଂପୂର୍ଣ୍ଣଭାବେ ସିଦ୍ଧ ନୁହନ୍ତି ଓ ପ୍ରତ୍ୟେକ ମଣ୍ଡଳୀ ଏପରି ମନୁଷ୍ୟମାନଙ୍କ ଦ୍ୱାରା ଗଠିତ । ମଣ୍ଡଳୀରେ ଦେଖାଯାଉଥିବା ଅଭାବ ନୂତନ ନିୟମରେ ଲିଖିତ ନୀତି ନିୟମରେ ନୁହେଁ । କିନ୍ତୁ ତାହା ମନୁଷ୍ୟମାନଙ୍କ ଅଜ୍ଞାନତା । ତାହାହେଲେ ମଣ୍ଡଳୀ ନିମନ୍ତେ କଅଣ ଉତ୍ତମ ? ଏହାର ଉତ୍ତର ଆମ୍ଭେମାନେ ବାଇବଲରେ ପୃଷ୍ଠାରେ ପାଇପାରିବା ।

ଯେଉଁ ମଣ୍ଡଳୀ ଖ୍ରୀଷ୍ଟଙ୍କ ରକ୍ତ ଓ ପ୍ରେରିତମାନଙ୍କ ଶିକ୍ଷା ଦ୍ୱାରା ସ୍ଥାପିତ ହୋଇଥିଲା । ଏଥିରେ ଅନ୍ତର୍ଭୁକ୍ତ ଖ୍ରୀଷ୍ଟୟାନମାନଙ୍କ ଜୀବନ ଶୈଳୀ ବିଷୟରେ ପ୍ରେରିତ ୨:୪୨ ପଦରେ ଲିଖିତ ହୋଇଅଛି ।

୧) **ସୁସ୍ଥିର ଓ ଅଟଳ :-** ସେମାନଙ୍କ ବିଶ୍ୱାସ ସୁସ୍ଥିର ଓ ଅଟଳ ଥିଲା । ସେମାନଙ୍କ ପୂର୍ବ ଜୀବନରେ ଖ୍ରୀଷ୍ଟଙ୍କ ବାକ୍ୟ ଓ ପ୍ରଭାବ ଦ୍ୱାରା ପରିବର୍ତ୍ତିତ ହୋଇଥିଲା । ସେମାନଙ୍କ ଜୀବନରେ ଖ୍ରୀଷ୍ଟଙ୍କ ଓ ତାହାଙ୍କ ବାକ୍ୟକୁ ପ୍ରାଧାନ୍ୟତା ଦିଆଯାଉଥିଲା ।

୨) **ନିବିଷ୍ଟ ଚିତ୍ତ ଥିଲେ :-** ତାଡ଼ନା ସମୟରେ ବିଚଳିତ ନୋହିଲେ । ଖ୍ରୀଷ୍ଟଙ୍କ ସୁସମାଚାର ପ୍ରଚାର ନକରି ନିରବ ରହିପାରୁ ନଥିଲେ । "ସେଥିରେ ଯେଉଁମାନେ ଛିନ୍ନଭିନ୍ନ ହୋଇଥିଲେ, ସେମାନେ ଚତୁର୍ଦ୍ଦିଗରେ ଭ୍ରମଣ କରୁ କରୁ ସୁସମାଚାରର ବାକ୍ୟ ପ୍ରଚାର କଲେ ।" (ପ୍ରେରିତ ୮:୪) ।

୩) **ପ୍ରେରିତମାନଙ୍କ ଶିକ୍ଷାରୁ ବିଚଳିତ ନୋହିଲେ :-** ପ୍ରେରିତମାନଙ୍କ ଶିକ୍ଷା ପବିତ୍ର ଆତ୍ମାଙ୍କ ଦତ୍ତ ନିଃଶ୍ୱସିତ ସେମାନେ ଜ୍ଞାତ ହୋଇଥିଲେ । ସେମାନଙ୍କ

ଦତ୍ତ ବାକ୍ୟ ପାଳନ କରିବାରେ ତିଳେ ମାତ୍ର ସନ୍ଦେହ କରୁ ନ ଥିଲେ ।

୪) ସହଭାଗିତାର ଆନନ୍ଦରେ ଆନନ୍ଦିତ ଥିଲେ :- ସେମାନଙ୍କ ହୃଦୟ ଆନନ୍ଦରେ ଭରପୁର ଥିଲା । ଆପେ ଅନ୍ୟଠାରୁ ତିଳେ ବଡ଼ ମନେ କରୁ ନ ଥିଲେ ।

୫) ରୋଟୀ ଭାଙ୍ଗିବାରେ ଅବହେଳା କରୁନଥିଲେ :- ମନୁଷ୍ୟମାନଙ୍କ ପାପକ୍ଷମା ନିମନ୍ତେ ପତିତ ଖ୍ରୀଷ୍ଟଙ୍କ ଶରୀର ଓ ରକ୍ତର ସଦୃଶ୍ୟ ରୋଟୀ ଓ ଦ୍ରାକ୍ଷାରସ ଗ୍ରହଣ କରିବାରେ ଅବହେଳା କରୁ ନ ଥିଲେ ।

୬) ପ୍ରାର୍ଥନା ଜୀବନର ଶ୍ରେଷ୍ଠତା ବିଷୟରେ ସେମାନେ ଜ୍ଞାତ ଥିଲେ । ପ୍ରାର୍ଥନା ଓ କୃତଜ୍ଞତା ପ୍ରତିଫଳ ଅପାର । ସେମାନଙ୍କ ସ୍ଥିତି ଓ ଅସ୍ତିତ୍ୱ ବିଷୟରେ କେବେ ବି ନ ଭୂଲି କୃତଜ୍ଞତାର ଜୀବନଯାପନ କରୁଥିଲେ । ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ସଦାପ୍ରଭୁ ସେମାନଙ୍କୁ ବଳ, ଭରସା ପ୍ରଦାନ କରିଥିଲେ ।

ଏହି ସବୁ ବିଷୟ ଯଦି ପ୍ରଥମ ଶତାବ୍ଦୀ ଖ୍ରୀଷ୍ଟିୟାନମାନଙ୍କ ନିମନ୍ତେ ଉତ୍ତମ ଥିଲା, ତାହା ଆମ ନିମନ୍ତେ ଓ ଭବିଷ୍ୟତ ଖ୍ରୀଷ୍ଟିୟାନମାନଙ୍କ ନିମନ୍ତେ ମଧ୍ୟ ଉତ୍ତମ ଅଟେ । ଯାହା ଉତ୍ତମ ଓ ଯଥାର୍ଥ ନୁହେଁ, ତାହା ଅନୁସରଣ କରି, କାହିଁକି ଆମ୍ଭମାନଙ୍କ ଜୀବନ ବ୍ୟର୍ଥ କରିବା ? ପ୍ରଥମ ଶତାବ୍ଦୀ ଖ୍ରୀଷ୍ଟିୟାନମାନଙ୍କ ଆଦର୍ଶ ଅନୁସରଣ କରୁ ଓ ଆମ୍ଭମାନଙ୍କ ମଧ୍ୟରେ ଥିବା ଦୁର୍ବଳତା ସବୁ ଦୂର କରୁ ।

***–Joe G. Magee***

❋❋❋

# JESUS CHRIST - THE SAME YESTERDAY, TODAY, AND FOREVER

## Hebrews 13:8

**INTRODUCTION :**

1. Jesus Christ is the theme
2. Divinity of Christ taught.
3. The law changes but Christ is the same.

DISCUSSION :

**I. Jesus Christ of Yesterday**

1. With God in the beginning. (Genesis 1 :1 ; Genesis 1:26,27).
2. Had part in the creation. (Genesis 1:26,27; Hebrews 1: 1,2).
3. Became the word of God (John 1 : 1,2).
4. Jesus said, "Before Abraham was, I am,"

**II Jesus Christ of today.**

1. Many think only of Jesus of yesterday.
2. They think of him as being dead and in the tomb.
3. Some think of him only as a myth
4. But Jesus arose and went to heaven
5. He lives today
6. He lives in heaven
7. He lives on the earth - not in the flesh but in the spirit.
8. He lives through the church - it his spiritual body (Colossians 1: 18; Ephesians 1 : 22,23).
9. We are in christ (Romans 6:3,4).
10. Christ is in us (Galatians 2 :20).
11. He lives through his name. (1 Peter 4:16; Romans 16:16).
12. He lives through his word (John 14:6).
13. He lives though the Lord's Supper. (Matthew 26:26-28).
14. He lives through singing (Colossians 3:16,17).
15. He has promised to be with us in worship (Matthew 18:20).
16. He has promised to be with us alway. (Matthew 28: 20).

**III. Jesus Christ of tomorrow.**

1. "I will come again." (John 14:1-3).
2. He will come in the clouds. (2 Thessalonians 1:7-9).
3. He will take vengeance on those who know not God and obey not the gospel. (2 Thessalonians 1 : 7-9).
4. He will come to receive his bride. (Ephesians 5:27)
5. The earth and all things will be destroyed.
6. He will judge the world. (2 Corinthians 5:10).
7. The righteous to live with him through eternity (Matthew 25:46).

**CONCLUSION:**

1. What does Jesus mean to you ?
2. If you will obey him today, you can live with him tomorrow.

**J.C. CHOATE**

*Printed Book Only*

From:

SATYA VANI
P.O. Box 80,
Kakinada - 533 001

To

(FOR PRIVATE CRICULATION ONLY)